



## ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ବିଜେଡିର ବିକ୍ଷୋଭ

# ବହିଷ୍କାର ଦାବି; ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



କଟକ, ୧୯।୩(ସମିସ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ୟୁନିଟ୍‌ରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଏବଂ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ପ୍ରତିବାଦ କରି ଆଜି ବାଦାମବାଡ଼ି ଛକଠାରେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅପାରଗତା ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ କରି ଦଳ ପକ୍ଷରୁ ତାଙ୍କର କୁଶପୁତ୍ତଳିକା ଦାହ କରାଯିବା ସହ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ତୁରନ୍ତ ବହିଷ୍କାର କରିବାକୁ ଦାବି କରାଯାଇଛି। ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସସିବିକୁ 'ଏମସ ପ୍ଲସ' କରିବା ପାଇଁ ୪, ୫୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ମାତ୍ର ବର୍ତ୍ତମାନର ସରକାର ପ୍ରକଳ୍ପର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବାରେ ବିଫଳ ହୋଇଛନ୍ତି। ଗତ ୧୫ ତାରିଖ ରାତିରେ ଟ୍ରମା କେୟାର ଆଇସିୟୁରେ ନିଆଁ ଲାଗିବା ଘଟଣା ସରକାରଙ୍କ ପ୍ରଶାସନିକ ଅବହେଳାକୁ ସ୍ପଷ୍ଟ କରୁଛି। ମେଡିକାଲରେ ରୋଗୀଙ୍କ ଉପରେ ପଲସ୍ତରା ଖସିବା, ଆଇସିୟୁ ବେଡ୍‌ରେ କୁକୁର ଶୋଇବା ଏବଂ ମୁଖ୍ୟମନ୍ତ୍ରୀଙ୍କ ପରିବାର ଚିକିତ୍ସା ନ ପାଇ ଫେରିବା ଭଳି ଘଟଣା ସ୍ୱାସ୍ଥ୍ୟ ବିଭାଗର ବିକଳ ଚିତ୍ର ପ୍ରଦାନ କରୁଛି ବୋଲି ନେତାମାନେ କହିଛନ୍ତି। ଏହି ପ୍ରତିବାଦ ସଭାରେ ବିଜେଡି ନେତା ମହମ୍ମଦ ସକିଲ, ତାପସ ମହାନ୍ତି, ଡେପୁଟି ମେୟର ଦମୟନ୍ତୀ ମାଝୀ, ଜ୍ୟୋତ୍ସ୍ନାରାଣୀ ପରିଡ଼ା, ଅନିତା ବେହେରା, ଅଂଶୁ ତ୍ରିପାଠୀଙ୍କ ସମେତ ବହୁ ନେତୃବୃନ୍ଦ, କର୍ପୋରେଟର ଓ କର୍ମୀ ଯୋଗଦେଇଥିଲେ। ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟଶୈଳୀକୁ ମଧ୍ୟ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି।

## 'ଉତ୍ତରଦାୟିତ୍ୱ କାହାର, ସରକାର ସ୍ପଷ୍ଟ କରନ୍ତୁ'

କଟକ, ୧୯।୩(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣା ଏବେ ରାଜ୍ୟ ରାଜନୀତିକୁ ସମ୍ପୂର୍ଣ୍ଣ ସରଗରମ କରିଦେଇଛି। ଆଜି ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଶୈଳୀ ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ଏହି ଅଘଟଣକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି ଅଭିହିତ କରିବା ସହ ସାଂସଦ ଶ୍ରୀ ମିଶ୍ର କହିଛନ୍ତି ଯେ, ଆଇସିୟୁ ଭଳି ଏକ ଅତି ସମ୍ବେଦନଶୀଳ ସ୍ଥାନରେ ଜରୁରୀକାଳୀନ ନିଷ୍କାସନ ବା 'ଏମର୍ଜେନ୍ସି ଏକଜିଟ୍' ବ୍ୟବସ୍ଥା ନ ଥିବା ପ୍ରଶାସନର ସବୁଠାରୁ ବଡ଼ ବିଫଳତା। ଏଭଳି ସାଂଘାତିକ ତ୍ରୁଟି ଯୋଗୁଁ ହିଁ ନିରୀହ ରୋଗୀଙ୍କ ଜୀବନ ଚାଲିଗଲା ବୋଲି ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଲମ୍ବନ ଆଦେଶକୁ ନେଇ ସାଂସଦ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ତଳିଆ କର୍ମଚାରୀମାନେ ନିଜ ଜୀବନକୁ ପାଣି ଛଡ଼ାଇ ସେଦିନ ନିଆଁ ଲିଭାଇବା ସହ ରୋଗୀଙ୍କୁ ଉଦ୍ଧାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ସରକାର ସେମାନଙ୍କୁ ହିଁ ସସପେଣ୍ଡ କରି ନିଜ ଦୋଷ ଝାଡ଼ିଦେବାକୁ ଚେଷ୍ଟା କରୁଛନ୍ତି। ପ୍ରକୃତରେ ଏହି ଘଟଣାର ଉତ୍ତରଦାୟିତ୍ୱ କାହାର, ତାହା ସରକାର ସ୍ପଷ୍ଟ କରନ୍ତୁ। ମେଡିକାଲ ପରିଚାଳନା ଦାୟିତ୍ୱରେ ଥିବା ଶୀର୍ଷ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସେ ଦାବି କରିଛନ୍ତି। ରାଜନୈତିକ ନୈତିକତାର ଉଦାହରଣ ଦେଇ ସଂତୃପ୍ତ ମିଶ୍ର ସରକାରଙ୍କୁ ଘେରିଛନ୍ତି। ସେ ମନେ ପକାଇ ଦେଇଛନ୍ତି ଯେ, ଗତ ସରକାର ସମୟରେ ଏକ ବେସରକାରୀ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିବା ପରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। ମାତ୍ର ଆଜି ଏକ ପ୍ରତିଷ୍ଠିତ ସରକାରୀ ହସ୍ପିଟାଲରେ ଏତେ ବଡ଼ ଅଘଟଣ ଘଟିବା ସତ୍ତ୍ୱେ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି? ସେ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ସାଂସଦ ଦାବି କରିଛନ୍ତି। ଏହାସହିତ ଏସ୍‌ସିବି ଭଳି ବୃହତ ସଂସ୍ଥାର ପରିଚାଳନା ପାଇଁ ଅଭିଜ୍ଞ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ଦେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ପ୍ରକୃତ ଦୋଷୀଙ୍କୁ ଛାଡ଼ି କେବଳ ଛୋଟ କର୍ମଚାରୀଙ୍କୁ ବଳି ପକାଇବା ନ୍ୟାୟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

**■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ସାଂସଦ ସଂତୃପ୍ତ ମିଶ୍ର**



## ଲାଞ୍ଚ ନେଇ ଧରାପଡ଼ିଲେ ଓରେଡାର ସହ-ନିର୍ଦ୍ଦେଶକ



ଭୁବନେଶ୍ୱର, ୧୯।୩ (ସମିସ): ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଓରେଡ଼ାର ସହ-ନିର୍ଦ୍ଦେଶକ (ଟେକ୍ନିକାଲ) ସୀମାଦ୍ରି ଶ୍ରୀକାନ୍ତ ରାଓ। ତାଙ୍କ ନିକଟରୁ ୧୦ହଜାର ଟଙ୍କା ଲାଞ୍ଚ ଟଙ୍କା ଜବତ ହୋଇଛି। ଏନେଇ ଭିଜିଲାନ୍ସ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। କଟକର ଜଳ ଏବଂ ଭୂମି ପରିଚାଳନା ପ୍ରତିଷ୍ଠାନରେ ୬୦ କିଲୋୱାଟ୍ ବିଶିଷ୍ଟ ଏକ ସୌରଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ବାକି ଥିବା ରାଶି ପ୍ରଦାନ ପାଇଁ ୩୦ ହଜାର ଟଙ୍କା ସୀମାଦ୍ରି ଶ୍ରୀକାନ୍ତ ଲାଞ୍ଚ ମାଗିଥିଲେ। କିନ୍ତୁ ୧୦ ହଜାର ଟଙ୍କାରେ ଡିଲ୍ ଫାଇନାଲ ହୋଇଥିଲା। ଏନେଇ ଅଭିଯୋଗକାରୀ ଭିଜିଲାନ୍ସକୁ ଏନେଇ ଜଣାଇଥିଲେ। ଗୁରୁବାର ସୀମାଦ୍ରି ଅଫିସ ନିକଟରେ ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଯାଞ୍ଚ ପରେ ତାଙ୍କ ପକେଟରୁ କେମିକାଲବୋଳା ଟଙ୍କା ଜବତ କରାଯାଇଛି। ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ୩ଟି ସ୍ଥାନରେ ଚଢ଼ଉ କରାଯାଇ ଯାଞ୍ଚ କରାଯାଉଛି।

## ବେଙ୍ଗାଲୁର ପୁଲିସ ବିରୋଧରେ ଏନ୍‌ଡିପିଏସ୍ ମାମଲା ଜାରି ରହିବ

କଟକ, ୧୯।୩(ସମିସ): କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁର ଜିଲ୍ଲାର ଏକ ଥାନାର ହେଡ୍ କନଷ୍ଟେବଲଙ୍କ ବିରୋଧରେ ବାଲିଗୁଡା ସ୍ୱତନ୍ତ୍ର ଅଦାଲତରେ ବିଚାରାଧୀନ ଏକ ଏନଡିପିଏସ ଆଇନ ଅନ୍ତର୍ଗତ ମାମଲାକୁ ରଦ୍ଦ ପାଇଁ ହୋଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ହେଡ୍ କନଷ୍ଟେବଲ ଆନନ୍ଦ କେ.ଙ୍କ ଏହି ଆବେଦନକୁ ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଖାରଜ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୩, ନଭେମ୍ବର ୧ରେ ସାରଙ୍ଗଗଡ଼ ଥାନାର ଏସଆଇ ଓ ଅନ୍ୟ କର୍ମଚାରୀ ଚଞ୍ଚଳାସାହି ଛକରେ ପାଟ୍ରୋଲିଂ କରୁଥିବା ବେଳେ ଚାରି ଜଣ ବ୍ୟକ୍ତିଙ୍କୁ ବ୍ୟାଗ ସହିତ ସହିତ ସନ୍ଦିଗ୍ଧ ଅବସ୍ଥାରେ ଧରିଥିଲେ। ବ୍ୟାଗରୁ ୧୭.୫ କିଲୋ ଗଞ୍ଜେଇ ମିଳିଥିଲା। ବେଙ୍ଗାଲୁର ଜିଲ୍ଲାର ଜିଗାଣି ଥାନାର ହେଡ୍ କନଷ୍ଟେବଲ ବୋଲି ଆବେଦନକାରୀ ନିଜ ପରିଚୟ ଦେବା ସହିତ ତାଙ୍କ ସହିତ ଏଲତାକାରୀ ଓ ଟ୍ରାନ୍ସଲେଟର ରହିଛନ୍ତି ବୋଲି କହିଥିଲେ। କିନ୍ତୁ ତାଙ୍କ ସହିତ ଜିଗାଣି ଥାନାର ତଦନ୍ତକାରୀ ଅଧିକାରୀ ବା ଓଡ଼ିଶା ପୁଲିସର କୌଣସି ଅଧିକାରୀ ନ ଥିଲେ। ସେ କୌଣସି ଜବତ ତାଲିକା, ଗିରଫ ମେମୋ, କେସ ଡାଏରିର ଅଂଶ, କୋର୍ଟ ଚାଲାଣ ରିପୋର୍ଟ, ଗଞ୍ଜେଇ ପରିବହନ ଅନୁମତି ଦେଖାଇ ପାରି ନ ଥିଲେ। ଏହାପରେ ସାରଙ୍ଗଗଡ଼ ଥାନା ପୁଲିସ ଆବେଦନକାରୀ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ମାମଲା ରଦ୍ଦ କରିବାକୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫାର୍ମାସିଷ୍ଟ ଛାତ୍ରଙ୍କ ଆତ୍ମହତ୍ୟା

କଟକ, ୧୯।୩(ସମିସ): ସିଆରଆରଆଇ ଥାନା ଅନ୍ତର୍ଗତ ପୋତାପୋଖରୀ ମହିମାନଗରରେ ଆଜି ଜଣେ ଫାର୍ମାସିଷ୍ଟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ଘର କବାଟ ଭାଙ୍ଗି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବିକୁ ପଠାଇଛି। ମୃତଜଣକ ହେଲେ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଛାତ୍ର ବଳରାମ ସାହୁ(୨୨)।

ମିଳିଥିବା ସୂଚନା ଅନୁଯାୟୀ ବଳରାମ ଗତ ବର୍ଷେ ହେଲା ମହିମାନଗରରେ ଭଡ଼ା ନେଇ ରହିବା ସହିତ ଫାର୍ମାସିଷ୍ଟ ପଢୁଥିଲେ। ସେ ରହୁଥିବା ଘରକୁ ଲାଗି ଅନ୍ୟ ପରିବାର ଭଡ଼ାନେଇ ରହୁଛନ୍ତି। ପ୍ରତ୍ୟେହ ସେ ସକାଳ ୬ଟାରେ ଉଠି ନିତ୍ୟକର୍ମ ସାରିବା ପରେ ପଢ଼ିବା ପାଇ ଚାଲିଯାଇଥାନ୍ତି। ତେବେ ଆଜି ସକାଳ ୯ଟା ବାଜିଯାଇଥିଲେ ହେଁ ଘର ବାହାରକୁ ଆସି ନଥିଲେ। ଫଳରେ ଏହାକୁ ଦେଖି ପଡ଼ୋଶୀମାନେ ଘରର କବାଟ ବାଡ଼େଇ ବଳରାମକୁ ଡାକିଥିଲେ, ହେଲେ କୌଣସି ଉତ୍ତର ଦେଇ ନଥିଲେ। ସନ୍ଦେହକରି ସିଡ଼ି ଦ୍ୱାରା ଘରର ସ୍କାଇଲାଇଟ ବାଟେ ଭିତରକୁ ଚାହିଁବାରୁ ବଳରାମ ବେକରେ ଗାମୁଛା ଦେଇ ଫ୍ୟାନ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ଘଟଣା ସଂକ୍ରାନ୍ତରେ ସଙ୍ଗେ ସଙ୍ଗେ ପୁଲିସକୁ ଖବର ଦିଆଯାଇଥିଲା। ଏହାପରେ ଶବକୁ ଜବତ କରାଯିବା ସହିତ ଏ ନେଇ ତାଙ୍କ ପରିବାରଲୋକଙ୍କୁ ଅବଗତ କରାଯାଇଥିଲା। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହିତ ତଦନ୍ତ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ତାଙ୍କ ପରିବାର ସହିତ ପଡ଼ିଶାଲୋକଙ୍କୁ ପଚରାଉଚରା କରାଯାଇଛି। ତେବେ କେଉଁ କାରଣରୁ ବଳରାମ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡ଼ି ନଥିବା ଥାନା ଅଧିକାରୀ ପିଟି ଗଣେଶ ସାହୁ ସୂଚନା ଦେଇଛନ୍ତି।

### ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ପଦକ୍ଷେପ

## ୨୪୭କୋଟି ଟଙ୍କାର ବୁଝାମଣା



ଭୁବନେଶ୍ୱର,୧୯।୩(ସମିସ): ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଶସ୍ୟର ପୁନରୁଦ୍ଧାର ପାଇଁ ଏକ ଯୋଜନା ଆଣିଛନ୍ତି ରାଜ୍ୟ ସରକାର। ଓଡ଼ିଶାର ୧୫ଟି ଜିଲ୍ଲାର ୨୫ଟି ଜୈବ ବିବିଧତାରେ ପରିପୂର୍ଣ୍ଣ ବ୍ଲକ ଯଥା ଗନ୍ଧମାର୍ଦ୍ଦନ, ନିୟମଗିରି, ସୁନାବେଡ଼ା, ସାତକୋଶିଆ, ଗୁପ୍ତେଶ୍ୱର, ମାଲ୍ୟଗିରି ଓ ଶିମିଳିପାଳ ଭଳି ପ୍ରମୁଖ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଯାଉଛି। ପାରମ୍ପରିକ ଫସଲ ଓ ଦେଶୀ ବିହନ ପ୍ରଜାତିର ସଂରକ୍ଷଣ ଓ ପ୍ରୋତ୍ସାହନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ବିସ୍ମୃତ ଖାଦ୍ୟ ଓ ବିଲୁପ୍ତ ପ୍ରାୟ ଖାଦ୍ୟଶସ୍ୟର ପୁନଃରୁଦ୍ଧାର ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ୱାଟରସେଡ୍ ସପୋର୍ଟ ସର୍ଭିସ୍ ଆଣ୍ଡ ଆକ୍ଟିଭିଟିଜ ନେଟୱର୍କ (ୱାସନ) ସହ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଆଜି ସ୍ୱାକ୍ଷରିତ ହୋଇଛି। ଏହି ଯୋଜନା ଆଗାମୀ ୫ ବର୍ଷ (୨୦୨୫-୨୬ ରୁ ୨୦୨୯-୩୦) ପାଇଁ ରହିଛି ଏବଂ ଏଥିପାଇଁ ମୋଟ ୨୪୭. ୦୨୪ କୋଟି ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମରେ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ଡ. ଗଣେଶ୍ୱର ଜେନା ଉପସ୍ଥିତ ଥିଲେ। ଅବହେଳିତ ଫସଲଗୁଡିକର ତଥ୍ୟାବଳୀ ପ୍ରସ୍ତୁତି ଓ ସଂରକ୍ଷଣ, ପାରମ୍ପରିକ ଓ ଦେଶୀ ପ୍ରଜାତିର ଚାଷର ବିସ୍ତାର, ଅବହେଳିତ ଫସଲର ପୁନର୍ବାର ଚାଷ, ରାଜ୍ୟ ସମ୍ବଳ କେନ୍ଦ୍ର ସ୍ଥାପନା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## 'ପଖାଳ ପର୍ବ ୨୦୨୬' ଉଦ୍‌ଘାଟିତ



ଭୁବନେଶ୍ୱର, ୧୯।୩(ସମିସ): ପାନ୍ଥନିବାସରେ ଦୁଇ ଦିନିଆ 'ପଖାଳ ପର୍ବ' ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅଧିବେଶନକୁ ସମ୍ବୋଧିତ କରିଥିବା ବେଳେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ପଖାଳର ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରିବା ସହିତ ଜଗନ୍ନାଥ ସଂସ୍କୃତିରେ ଏହାର ଅନନ୍ୟ ମହତ୍ତ୍ୱକୁ ଉପସ୍ଥାପନ କରିଥିଲେ। ପ୍ରଫେସର ଡ. ସିତିକଣ୍ଠ ମିଶ୍ର ଏବଂ ସନ୍ଦୀପ ମୁଖାର୍ଜୀ ପ୍ରମୁଖ ସ୍ଥାୟୀ ଖାଦ୍ୟର ଦର୍ଶନ, ଧାନର ବିବିଧତା ଏବଂ ଆଧୁନିକ ହୋଟେଲ ଶିଳ୍ପରେ ପାରମ୍ପରିକ ଖାଦ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ 'ମନ୍ଦିର ରୋଷେଇ ଶାଳରୁ ଘରୋଇ ଚୁଲି ପର୍ଯ୍ୟନ୍ତ: ଓଡ଼ିଆ ରୋଷେଇର ସାଂସ୍କୃତିକ ମୂଳ' ଶୀର୍ଷକ ବିଷୟରେ ଡ. ସୁଧାଂଶୁ ଶେଖର ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ବିଶ୍ୱନାଥ ସାମନ୍ତରାୟ ପ୍ରମୁଖ ଓଡ଼ିଆ ଖାଦ୍ୟ ପରମ୍ପରାର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ଐତିହାସିକ ସମ୍ପର୍କ ବିଷୟରେ ମତ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ 'ସ୍ଥାନୀୟ ପରମ୍ପରାରୁ ବିଶ୍ୱସ୍ତରୀୟ ବ୍ରାଣ୍ଡ: ଓଡ଼ିଆ ରୋଷେଇ ପାଇଁ ମାର୍କେଟିଂ ରଣନୀତି'ରେ ପ୍ରଫେସର ତପନ କୁମାର ପଣ୍ଡା, ପ୍ରଫେସର ପ୍ରୀତି ରଞ୍ଜନ ସାହୁ, ଶ୍ରୀମତୀ ରିତୁ ପଟ୍ଟନାୟକ ଏବଂ ଶେଫ୍ ଅବିନାଶ ନାୟକ ଅଂଶଗ୍ରହଣ କରିଥିଲେ।

### ଗ୍ରୀଷ୍ମ ପ୍ରବାହରେ ଲୋକଙ୍କ ଜୀବନ ସୁରକ୍ଷାକୁ ପ୍ରାଥମିକତା

## ପ୍ରଭାବିତ ଅଞ୍ଚଳରେ ହେବ ମଡେଲ୍ କୁଲିଂ ସେଲ୍‌ଟର

ଭୁବନେଶ୍ୱର,୧୯।୩(ସମିସ): ଗ୍ରୀଷ୍ମ ପ୍ରବାହ ସମୟରେ ସାଧାରଣ ଲୋକଙ୍କ ଜୀବନ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଏହାସହିତ ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମଡେଲ୍ କୁଲିଂ ସେଲଟର୍ ବ୍ୟବସ୍ଥା ସାଙ୍ଗକୁ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିଶୁମାନଙ୍କ ପାଇଁ ଏବଂ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାରସମ୍ଭାବ୍ୟ ଗ୍ରୀଷ୍ମ-ପ୍ରବାହ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ମନ୍ତ୍ରୀ ଶ୍ରୀ ପୂଜାରୀ ଗ୍ରୀଷ୍ମ ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ବୈଠକରେ ହିଟ୍ ୱେଭ୍ ପ୍ରସଙ୍ଗର ଗୁରୁତ୍ୱ ଦିଆଯାଇଛି। ଏହି ସମସ୍ୟାର ମୁକାବିଲା ପାଇଁ ଜିଲ୍ଲାପାଳଙ୍କୁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଅର୍ଥାତ୍ ଦିନ ୧୧ରୁ ୩ ଘଟିକା ଯାଏ କୌଣସି ବି ନିର୍ମାଣ ଆଦି ଶାରୀରିକ କାର୍ଯ୍ୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏଥିରେ ଖିଲାପ କରି ଶ୍ରମିକ ବା ସାଧାରଣ ଲୋକଙ୍କୁ କାମରେ ଲଗାଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ସର୍ବସାଧାରଣ ଅନୁଷ୍ଠାନ ଏବଂ ସ୍ଥାନମାନଙ୍କରେ ଆବଶ୍ୟକ ଅନୁଯାଇ ଜଳଛତ୍ର, ପାନୀୟ ଜଳ, ଫାଷ୍ଟ-ଏଡ୍ ବକ୍ସ, ଓଆରଏସ୍ ପାଉଡର୍, ଶୀତଳ କକ୍ଷ ଆଦିର ବ୍ୟବସ୍ଥା ନିଶ୍ଚିତ କରିବାକୁ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟରେ ଶିଶୁମାନଙ୍କ ପାଇଁ ନିୟମିତ ବ୍ୟବଧାନରେ ପାଣି ପିଇବା ନିମନ୍ତେ ସ୍ୱତନ୍ତ୍ର ବେଲ୍ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଯାଇଛି। ଜନବହୁଳ ଟ୍ରାଫିକ୍ ସ୍ଥାନମାନଙ୍କରେ ଅସ୍ଥାୟୀ ସେଡ୍ ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଛି। ଡାକ୍ତରଖାନାମାନଙ୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମପଞ୍ଚାୟତମାନଙ୍କରେ ନଳକୂପ ମରାମତି ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆବଶ୍ୟକସ୍ଥଳେ ପାଣି ଟ୍ୟାଙ୍କର୍ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି।

ସେହିପରି ଖରାଦିନେ ବିଦ୍ୟୁତ୍ କାଟ ନିୟମିତ ସମସ୍ୟା ସୃଷ୍ଟି କରୁଥିବାରୁ ଏ ନେଇ ଶକ୍ତି ବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବାକୁ ଅଧିକ ଶକ୍ତି ସଂରକ୍ଷଣ କରି ରଖିବାକୁ ଆଲୋଚନା ହୋଇଛି। ଝାରସୁଗୁଡ଼ା, ବ୍ରଜରାଜନଗର, ଅନୁଗୁଳ, ତାଳଚେର ଆଦି ଅଞ୍ଚଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଧିକ ପ୍ରଭାବିତ ହେଉଥିବା ଯୋଗୁ ସେସବୁ ଅଞ୍ଚଳରେ ବିଶେଷ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଖଣି ଅଞ୍ଚଳ ଏବଂ କଳକାରଖାନାମାନଙ୍କରେ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ସହ କୁଲିଂ ସେଲଟର୍ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢୀ, ଏସ୍‌ଆରସି ରାଜେଶ ପ୍ରଭାକର ପାଟିଲ୍, ଶକ୍ତି ବିଭାଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ସମସ୍ତ ଆରଡିସି, ଜିଲ୍ଲାପାଳ ଏବଂ ସମସ୍ତ ମହାନଗର ନିଗମର କମିଶନର ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ।

**■ ନିରବଚ୍ଛିନ୍ନ ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

**■ ଖରା ବେଳେ ଶାରୀରିକ କାର୍ଯ୍ୟରେ ନିୟୋଜିତ କଲେ କଡ଼ା କାର୍ଯ୍ୟାନୁଷ୍ଠାନ**

### ବାଙ୍କୀ ରାଜନୀତିରେ 'କ୍ରସ୍ ଭୋଟିଂ' ବିବାଦ

## ଦେବୀଙ୍କ ବିରୋଧରେ ବର୍ଷିଲେ ଦେବାଶିଷ

କଟକ, ୧୯।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରି କ୍ରସ ଭୋଟିଂ କରିବା ଘଟଣା ଏବେ ବାଙ୍କୀ ରାଜନୀତିକୁ ସରଗରମ କରିଦେଇଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଦଳୀୟ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେବା ପରେ ଏହାକୁ ନେଇ ରାଜନୈତିକ ବାଦବିବାଦ ତୀବ୍ର ହୋଇଛି। ଏହି ଘଟଣା ପାଇଁ ବିଜେଡି ପକ୍ଷରୁ ତାଙ୍କୁ 'କାରଣ ଦର୍ଶାଅ' ନୋଟିସ୍ ଜାରି କରାଯାଇଥିବା ବେଳେ, ବାଙ୍କୀର ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ବିଧାୟକଙ୍କ ଉପରେ ବର୍ଷିଛନ୍ତି। ବାଙ୍କୀ ମାଟିକୁ ନିନ୍ଦିତ କରିଥିବା ଅଭିଯୋଗ କରି ଶ୍ରୀ ପଟ୍ଟନାୟକ ବିଧାୟକଙ୍କ ଇସ୍ତଫା ଦାବି କରିଛନ୍ତି।

**■ ବିଧାୟକ ପଦରୁ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ିବାକୁ କଂଗ୍ରେସର ଆହ୍ୱାନ**



ଆଜି ସନ୍ଧ୍ୟାରେ ଆୟୋଜିତ ଏକ ସଭାରେ ଶତାଧିକ କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ଦେବାଶିଷ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ଯେ, ବାଙ୍କୀର ଜନସାଧାରଣଙ୍କ ନିରବତା ଓ ଦୁର୍ବଳତାର ସୁଯୋଗ ନେଇ କେତେ ଦିନ ପର୍ଯ୍ୟନ୍ତ ଏହି ମାଟିକୁ ବିକ୍ରି କରାଯିବ? ବିଧାୟକଙ୍କୁ କଟାକ୍ଷ କରିବା ସହ ସେ ପଚାରିଛନ୍ତି ଯେ, ବାଙ୍କୀର ଗୌରବକୁ କେତେ ଥର ଏହିଭଳି ନିଲାମ କରାଯିବ? ବାଙ୍କୀ ମାଟିର ସ୍ୱାଭିମାନ ସହ ଖେଳୁଥିବା ଜଣେ ଜନପ୍ରତିନିଧିଙ୍କର ପଦବୀରେ ରହିବା ପାଇଁ କୌଣସି ନୈତିକ ଅଧିକାର ନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତାମାନେ ବିଧାୟକଙ୍କ କାର୍ଯ୍ୟକୁ ତୀବ୍ର ନିନ୍ଦା କରିଥିଲେ। ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର, ବାଙ୍କୀ ବ୍ଲକ ସଭାପତି ନରେଶ କୁମାର ସାହୁ, ଡମପଡ଼ା ବ୍ଲକ ସଭାପତି ଅସିତ ବରଣ ପଟ୍ଟନାୟକଙ୍କ ସମେତ ବରିଷ୍ଠ ନେତା ବିଶ୍ୱ ରଞ୍ଜନ ପଣ୍ଡା, କ୍ଷେତ୍ରବାସୀ ଦାସ, ରମାକାନ୍ତ ସେଠୀ ଏବଂ ପୂର୍ବତନ ସରପଞ୍ଚ କୁବେର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ନିଜ ଦଳ ବିଜେଡି ଏବଂ ବିଧାୟକ ପଦରୁ ତୁରନ୍ତ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ନ୍ତୁ ବୋଲି କଂଗ୍ରେସ ନେତାମାନେ ଖୋଲା ଆହ୍ୱାନ ଦେଇଛନ୍ତି।


ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା
ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲ୍ଲୁ, ଅଭିଜିତ, ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ, ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୬, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୨.୬୪ • ପାଉଣ୍ଡ ୧୨୩.୪୦
- ୟୁରୋ ୧୦୬.୫୯ • ୟେନ୍ ୦.୫୭

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୧,୯୦୦ (ନୂଆଦିଲ୍ଲୀ)
- ରୁପା : ୨,୬୪,୯୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୨୦୭.୦୦
- ନିଫ୍ଟି ୨୩,୦୦୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ତେଲର ବିକଳ୍ପ ଖୋଜିଲେ; ଗ୍ୟାସ୍‌କୁ ନେଇ ଚିନ୍ତା

# ହର୍‌ମୁଜ୍‌ରେ ଅଟକିଛି ୨୨ ଭାରତୀୟ ଜାହାଜ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଦିନକୁ ଦିନ ଇରାନ୍ ଯୁଦ୍ଧ ଅଧିକ ବିପଦପୂର୍ଣ୍ଣ ହେବାରେ ଲାଗିଛି। ଏହାର ପ୍ରଭାବ ଆଉ କେବଳ ଯୁଦ୍ଧ ପର୍ଯ୍ୟନ୍ତ ସୀମିତ ନାହିଁ। ଏହା ବର୍ତ୍ତମାନ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି। ପୂର୍ବରୁ, ଏହି ସଂଘର୍ଷ ସାମରିକ କ୍ଷେତ୍ରରେ ସୀମିତ ଥିଲା, କିନ୍ତୁ ବର୍ତ୍ତମାନ ଅଶୋଧିତ ତୈଳ ଏବଂ ଗ୍ୟାସ ଭଳି ଅତ୍ୟାବଶ୍ୟକ ସମ୍ପଦ ମଧ୍ୟ ଏହାର ଏକ ଅଂଶ ପାଲଟିଛି। ଏହାର ଅର୍ଥ ହେଉଛି ବିଶ୍ୱର ଅର୍ଥନୀତି ଯେଉଁ ଜିନିଷଗୁଡ଼ିକ ଉପରେ ନିର୍ଭର କରେ, ସେଗୁଡ଼ିକ ଏବେ ଏହି ଯୁଦ୍ଧର ଲକ୍ଷ୍ୟସ୍ଥଳ। ପୂର୍ବରୁ, ଚିନ୍ତା କେବଳ ହର୍ମୁଜ୍ ପ୍ରଣାଳୀରୁ ଅଶୋଧିତ ତୈଳ ଏବଂ ଗ୍ୟାସ ଯୋଗାଣକୁ ନେଇଥିଲା, କିନ୍ତୁ ବର୍ତ୍ତମାନ ଇରାନର ପ୍ରମୁଖ ଗ୍ୟାସ କ୍ଷେତ୍ର ଉପରେ ଇସ୍ରାଏଲର ଆକ୍ରମଣ ଏବଂ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏହା ଅଶୋଧିତ ତୈଳ ଏବଂ ଗ୍ୟାସକୁ ଯୁଦ୍ଧ ଅସ୍ତ୍ରରେ ପରିଣତ କରିଛି, ଯାହା ସେମାନଙ୍କୁ କେବଳ ସମ୍ବଳ ନୁହେଁ, ବରଂ ଯୁଦ୍ଧ ଅସ୍ତ୍ର କରିଛି, ଯାହାର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହେଉଛି। ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଭାରତ ରୁଷ, ପଶ୍ଚିମ ଆଫ୍ରିକା, ଯୁକ୍ତରାଷ୍ଟ୍ର ଏବଂ ଲାଟିନ୍ ଆମେରିକାରୁ କ୍ରୟ କରି କିଛି ପରିମାଣରେ ଏହାର ଅଶୋଧିତ ତେଲ ଅଭାବକୁ ପରିଚାଳନା କରିଛି। କିନ୍ତୁ ଗ୍ୟାସ୍ ଏବଂ ଏଲପିଜି ପାଇଁ ବିକଳ୍ପ ଖୋଜିବା ସରକାରଙ୍କ ପାଇଁ ଅଧିକ କଷ୍ଟକର ପ୍ରମାଣିତ ହେଉଛି। ଏହାର ପ୍ରଭାବ ଏବେ ଶିଳ୍ପ ଏବଂ ବାଣିଜ୍ୟିକ କ୍ଷେତ୍ରରେ ଅନୁଭୂତ ହେଉଛି, ଯେଉଁଠାରେ ଯୋଗାଣ ହ୍ରାସ ପାଉଛି। ଏହା ଅର୍ଥନୈତିକ ଅଭିବୃଦ୍ଧିରେ ମନ୍ଥରତା ଏବଂ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ବିଷୟରେ ଚିନ୍ତା ବଢ଼ାଇଛି। ଯୁଦ୍ଧ ପୂର୍ବରୁ, ଭାରତର ଅଶୋଧିତ ତେଲ ଆମଦାନିର ଅଧାରୁ ଅଧିକ ଉପସାଗରୀୟ ଦେଶଗୁଡ଼ିକରୁ ଆସୁଥିଲା, ଯେଉଁମାନେ ହର୍ମୁଜ୍ ପ୍ରଣାଳୀ ଉପରେ ନିର୍ଭର କରନ୍ତି। ଏହା ସହିତ, ପ୍ରାୟ ୯୫% ଏଲପିଜି ଏବଂ ପ୍ରାୟ ୩୦% ଗ୍ୟାସ୍ ଆମଦାନି ମଧ୍ୟ ଏହି ମାର୍ଗ ଦେଇ ଆସୁଥିଲା। ଏହି ମାର୍ଗରେ ବାଧା ଭାରତର ଶକ୍ତି ସୁରକ୍ଷାକୁ ସିଧାସଳଖ ପ୍ରଭାବିତ କରିଛି, ଯାହା ଭବିଷ୍ୟତରେ ଆହୁରି ଚ୍ୟାଲେଞ୍ଜ ବଢ଼ାଇପାରେ।



### ବଢୁଛି ମଧ୍ୟପ୍ରାଚ୍ୟ ସଙ୍କଟ

### ଆଗକୁ ମହାବିପତ୍ତି

ଯୁଦ୍ଧରେ ଇସ୍ରାଏଲ ଇରାନର ଦକ୍ଷିଣ ପାର୍ସ ଗ୍ୟାସ କ୍ଷେତ୍ର ଏବଂ ଅସଲୁୟେହ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିବା ପରେ ପରିସ୍ଥିତି ପରିବର୍ତ୍ତନ ହୋଇଥିଲା। ଏହା ପ୍ରଥମ ଥର ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ ଇରାନୀ ଶକ୍ତି ସୁବିଧାକୁ ସିଧାସଳଖ ଟାର୍ଗେଟ କରାଯାଇଥିଲା। ଦକ୍ଷିଣ ପାର୍ସ ହେଉଛି ଇରାନର ସବୁଠାରୁ ବଡ଼ ଗ୍ୟାସ ଉତ୍ପାଦନ ଉତ୍ସ ଏବଂ ବିଶ୍ୱ ଶକ୍ତି ଯୋଗାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଇସ୍ରାଏଲର ଆକ୍ରମଣ ପରେ ଇରାନ ତୁରନ୍ତ ପ୍ରତିଶୋଧ ନେଇଥିଲା। ଏହା କେବଳ ଇସ୍ରାଏଲ-ସମ୍ବନ୍ଧିତ କେନ୍ଦ୍ରଗୁଡ଼ିକୁ ନୁହେଁ ବରଂ ସମଗ୍ର ଉପସାଗରୀୟ ଅଞ୍ଚଳରେ ଥିବା ଶକ୍ତି କେନ୍ଦ୍ରଗୁଡ଼ିକୁ ମଧ୍ୟ ଟାର୍ଗେଟ କରିବା ଆରମ୍ଭ କରିଥିଲା। ଏହା ସ୍ପଷ୍ଟ କରିଥିଲା ଯେ ଏହି ସଂଘର୍ଷ ଏବେ ବଡ଼ ଆକାରରେ ବୃଦ୍ଧି ପାଇପାରେ। ବିଶ୍ୱର ସର୍ବବୃହତ ଏଲ୍‌ଏନ୍‌ଜି ହବ୍ ଭାବରେ ବିବେଚିତ କାତାରର ରାସ ଲାଫାନ ଶିଳ୍ପ ନଗରୀରେ ମଧ୍ୟ ଘୋର କ୍ଷତି ଘଟିଥିବା ରିପୋର୍ଟ ଆସିଛି। ଇରାନ ପୂର୍ବରୁ ସାଉଦି ଆରବ, ୟୁଏଇ ଏବଂ କତାରକୁ ଅଶୋଧିତ ତୈଳ କେନ୍ଦ୍ର ଖାଲି କରିବାକୁ ଚେତାବନୀ ଦେଇଥିଲା, ଯାହା ବିପଦକୁ ସୂଚାଇ ଦେଇଥିଲା। କୁଏତ୍‌ର ଦୁଇ ରିଫାଇନାରୀ ଉପରେ ଡ୍ରୋନ୍ ଆକ୍ରମଣ ପରେ ନିଆଁ ଲାଗିଯାଇଛି, ଯାହା ଉତ୍ତେଜନାକୁ ଆହୁରି ବଢ଼ାଇଛି। ଏଥିରେ ଏକ ପ୍ରମୁଖ ତୈଳ ପ୍ରକ୍ରିୟାକରଣ କେନ୍ଦ୍ର ମିନା ଅଲ-ଅହମଦୀ ରିଫାଇନାରୀ ମଧ୍ୟ ସାମିଲ। ଏହିପରି ଆକ୍ରମଣ ଦର୍ଶାଉଛି ଯେ ଶକ୍ତି ଭିତ୍ତିଭୂମି ବର୍ତ୍ତମାନ ସିଧାସଳଖ ଟାର୍ଗେଟ। ଉପସାଗରୀୟ ତୈଳ ରପ୍ତାନି ପାଇଁ ଏକ ପ୍ରମୁଖ ପଥ ସାଉଦି ଆରବର ୟାନବୁ ବନ୍ଦର ମଧ୍ୟ ଏକ ବିମାନ ଆକ୍ରମଣର ଶିକାର ହୋଇଛି। ଯଦିଓ କ୍ଷତି ଗୁରୁତ୍ୱପୂର୍ଣ୍ଣ ନ ଥିଲା। ତେବେ ଏହି ଆକ୍ରମଣ ଏକ କଡ଼ା ବାର୍ତ୍ତା ଦେଇଛି ଯେ, ଏହି ଅଞ୍ଚଳରେ କୌଣସି ଶକ୍ତି କେନ୍ଦ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ।

### ହରମୁଜ୍‌ରେ ଟୋଲ୍ ଅସୁଲ କରିବାକୁ ଇରାନ୍‌ର ଯୋଜନା

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଇରାନ ଏବେ ସମଗ୍ର ବିଶ୍ୱର "ନାଡ଼ି" ହର୍ମୁଜ୍ ପ୍ରଣାଳୀକୁ ଏକ ଅର୍ଥନୈତିକ ଅସ୍ତ୍ରରେ ପରିଣତ କରିବାକୁ ପ୍ରସ୍ତୁତ ହୋଇଛି। ଯୁଦ୍ଧ ମଧ୍ୟରେ ନିଜର ନିୟନ୍ତ୍ରଣକୁ ମଜବୁତ କରି, ଇରାନ ସଂସଦ ଏକ ଆଇନ ପ୍ରଣୟନ କରିବାକୁ ବିଚାର କରୁଛି ଯାହା ଦ୍ୱାରା ଏହି ମାର୍ଗ ଦେଇ ଯାଉଥିବା ପ୍ରତ୍ୟେକ ବିଦେଶୀ ଜାହାଜକୁ ଭାରୀ କର ଏବଂ ଟୋଲ୍ ଦେବାକୁ ପଡିବ। ଯଦି ଏହା ପାରିତ ହୁଏ, ତେବେ ଏହି ବିଲ୍ ସାରା ବିଶ୍ୱରେ ତେଲ, ଗ୍ୟାସ ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ସମ୍ଭାବନା ସୃଷ୍ଟି ହୋଇଛି। ଏହା ଉଲ୍ଲେଖନୀୟ ଯେ ଆମେରିକା-ଇସ୍ରାଏଲ ବିବାଦ ମଧ୍ୟରେ ଏହି ହର୍ମୁଜ୍ ପ୍ରଣାଳୀ ଇରାନର ଶକ୍ତି କେନ୍ଦ୍ର ହୋଇ ରହିଛି। ଇରାନ ସାରା ବିଶ୍ୱରୁ ଟ୍ୟାଙ୍କରଗୁଡ଼ିକୁ ଅବରୋଧ କରି ଟ୍ରମ୍ପଙ୍କ ଉପରେ ଚାପ ସୃଷ୍ଟି କରୁଛି।

### ଇରାନ୍ ଯୁଦ୍ଧରେ କଠୋର ହେଲା ପେମେଣ୍ଟ ସର୍ତ୍ତାବଳୀ

## ଆଗ ପଇସା, ପରେ ତେଲ

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ଯୋଗୁଁ ଦେଶରେ ଅଶୋଧିତ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ସହ ମୂଲ୍ୟ ବୃଦ୍ଧି ପାଉଛି। ଏହା ମଧ୍ୟରେ ଦେଶର ସରକାରୀ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ପେଟ୍ରୋଲ ପମ୍ପ ଡିଲରମାନଙ୍କ ପାଇଁ କ୍ରେଡିଟ୍ ସୁବିଧା ବନ୍ଦ କରିଦେଇଛନ୍ତି। ଅର୍ଥାତ୍ ପେଟ୍ରୋଲ ପମ୍ପ ଡିଲରଙ୍କୁ ବାକିରେ ତେଲ ମିଳିବା ବନ୍ଦ ହୋଇଛି। ଏଥିରେ ତୈଳ କମ୍ପାନୀ ଡିଲରଙ୍କ ପାଇଁ ପେମେଣ୍ଟ ସର୍ତ୍ତାବଳୀ କଠୋର କରି ଦେଇଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ଏଚ୍‌ପିସିଏଲ୍) ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଗତ ସପ୍ତାହରେ ଅଗ୍ରୀମ ପେମେଣ୍ଟକୁ ନେଇ ଜିଦ୍ ଧରିଥିବାବେଳେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ସୋମବାରଠାରୁ ଏହାର କ୍ରେଡିଟ୍ ସୁବିଧା ବନ୍ଦ କରିଦେଇଛି। ଏ ସମ୍ପର୍କରେ ସୂଚନା ଦେଇ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ସଂଘ ଏହି ପ୍ରସଙ୍ଗରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଚିଠି ଲେଖିଛି। ଏପରି ହଠାତ୍ କ୍ରେଡିଟ୍ ସୁବିଧା ବନ୍ଦ କରିବା ଦ୍ୱାରା ବଜାରରେ ଲୋକଙ୍କ ମଧ୍ୟରେ ତେଲକୁ ନେଇ ଆତଙ୍କ ଖେଳିଯିବ। ତେଣୁ ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ କିଛି ସମୟ ଦିଅନ୍ତୁ। ନ ହେଲେ ଡିଲରମାନେ କାରବାର କରିବା ଅସମ୍ଭବ ହୋଇପଡିବ।



### ବାକିରେ ତେଲ ଦେବେନି କମ୍ପାନୀ

### ପେଟ୍ରୋଲିୟମ୍ ମନ୍ତ୍ରୀଙ୍କୁ ଚିଠି ଲେଖି ଅଧିକ ସମୟ ମାଗିଲା ସଂଘ

ତେଲ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ପୂର୍ବ ବ୍ୟବସ୍ଥାରେ ଏହା ଏକ ପ୍ରମୁଖ ପରିବର୍ତ୍ତନ, ଯାହା ଅଧୀନରେ ଡିଲରମାନଙ୍କୁ ଇନ୍ଧନ କ୍ରୟ ପାଇଁ ସ୍ୱଳ୍ପକାଳୀନ ଋଣ ଅନୁମତି ଦିଆଯାଇଥିଲା। ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ କାରଣ ଏହି ତିନୋଟି ତୈଳ ଏବଂ ଗ୍ୟାସ କମ୍ପାନୀ ଭାରତର ପ୍ରାୟ ୧ ଲକ୍ଷ ପେଟ୍ରୋଲ ପମ୍ପକୁ ଇନ୍ଧନ ଯୋଗାଣ କରିଥାନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଭାରତର ପ୍ରାୟ ୪୦% ଅଶୋଧିତ ତୈଳ ଯୋଗାଣ ମାର୍ଗକୁ ବାଧାପ୍ରାପ୍ତ କରିଛି, ଯାହା ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଗ୍ରାହକ ଭାରତ ପାଇଁ ଚିନ୍ତା ସୃଷ୍ଟି କରିଛି। ୨୦୨୭ ଆର୍ଥିକବର୍ଷ ସୁଦ୍ଧା ଭାରତର ପେଟ୍ରୋଲିୟମ ଉତ୍ପାଦ ଚାହିଦା ୨୫୦.୮ ନିୟୁତ ଟନ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

## ଅଚାନକ ଖସିଲା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସେୟାର

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ପୁଞ୍ଜି ବଜାର କାରବାରରେ ଗୁରୁବାର ହଠାତ୍ ଧରାଶାୟୀ ହୋଇଛି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ସେୟାର। ଏଥିରେ ହତୋତ୍ସାହିତ ହୋଇଛନ୍ତି ନିବେଶକ। କାରଣ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପାର୍ଟ ଟାଇମ୍ ଅଧ୍ୟକ୍ଷ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ହଠାତ୍ ଅତନୁ ଚକ୍ରବର୍ତ୍ତୀ ଇସ୍ତଫା ଦେଇଛନ୍ତି। ବଜାର କାରବାର ଆରମ୍ଭ ହେବା ମାତ୍ର ବ୍ୟାଙ୍କର ଷ୍ଟକ୍ ମୂଲ୍ୟରେ ପ୍ରାୟ ୯% ହ୍ରାସ ପାଇଥିଲା। କିଛି ମିନିଟ୍ ମଧ୍ୟରେ ବ୍ୟାଙ୍କର ବଜାର ମୂଲ୍ୟରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ପୋଛି ହୋଇଯାଇଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଅଧ୍ୟକ୍ଷଙ୍କ ଇସ୍ତଫାକୁ ନେଇ ବଢୁଥିବା ଅନିଶ୍ଚିତତା ଯୋଗୁଁ ବ୍ୟାଙ୍କର ସେୟାର ମୂଲ୍ୟରେ ଏଭଳି ତୀବ୍ର ହ୍ରାସ ଘଟିଥିବା ବିଶ୍ୱାସ କରାଯାଉଛି। ୨୦୨୦ କୋଭିଡ ପରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଷ୍ଟକ୍ ମୂଲ୍ୟରେ ଏହା ହେଉଛି ସବୁଠାରୁ ଖରାପ ଦିନ। ସେହି ସମୟରେ ବ୍ୟାଙ୍କର ଷ୍ଟକ୍ ମୂଲ୍ୟ ପ୍ରାୟ ୧୩% ହ୍ରାସ ପାଇ ୭୫୧ ଟଙ୍କାରେ ବନ୍ଦ ହୋଇଥିଲା। ବ୍ୟାଙ୍କର ନେତୃତ୍ୱକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅତନୁ ତାଙ୍କର ଇସ୍ତଫା ପତ୍ରରେ କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ, ସେ ବ୍ୟାଙ୍କରେ କିଛି କାର୍ଯ୍ୟ ଦେଖିଛନ୍ତି ଯାହା ତାଙ୍କ ବ୍ୟକ୍ତିଗତ ମୂଲ୍ୟବୋଧ ଏବଂ ନୀତି ସହିତ ଅସଙ୍ଗତ ଥିଲା। ବ୍ୟାଙ୍କ ସ୍ପଷ୍ଟ କରିଛି ଯେ ଚକ୍ରବର୍ତ୍ତୀଙ୍କ ଇସ୍ତଫା ପଛର କାରଣ ତାଙ୍କ ଚିଠିରେ ଉଲ୍ଲେଖ କରାଯାଇଥିବା କାରଣଗୁଡ଼ିକ ସହିତ ସମାନ ଏବଂ ଅନ୍ୟ କୌଣସି କାରଣ ନାହିଁ। ଏହି ସମୟରେ କେକି ମିସ୍ତ୍ରୀଙ୍କୁ ଆର୍‌ବିଆଇ ଅନୁମୋଦନ ସହିତ ତିନି ମାସ ପାଇଁ ମଧ୍ୟବର୍ତ୍ତୀକାଳୀନ ଅଂଶକାଳୀନ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

## ରେଳବାଇ ସୁରକ୍ଷା ବ୍ୟବସ୍ଥାରେ ହ୍ରାସ ପାଉଛି ଦୁର୍ଘଟଣା ଓ ମୃତ୍ୟୁ

**ଭୁବନେଶ୍ୱର,୧୯।୩(ସମିସ):** ଭାରତୀୟ ରେଳବାଇରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ବର୍ଷ ବର୍ଷ ଧରି ନିଆଯାଇଥିବା ବିଭିନ୍ନ ସୁରକ୍ଷା ପଦକ୍ଷେପର ପରିଣାମ ସ୍ୱରୂପ, ଦୁର୍ଘଟଣା ସଂଖ୍ୟାରେ ବହୁ ହ୍ରାସ ଘଟିଛି। ପ୍ରାୟ ଏକ ଦଶନ୍ଧି ମଧ୍ୟରେ ଦେଶରେ ଟ୍ରେନ ଦୁର୍ଘଟଣାରେ ୬୦% ଓ ମୃତ୍ୟୁ ୧୭% ହ୍ରାସ ଘଟିଛି। ରେଳ ସୁରକ୍ଷାର ପ୍ରଭାବ: ଦୁର୍ଘଟଣା ସଂଖ୍ୟା ୩୧ରୁ ୧୪କୁ ହ୍ରାସ ପାଇଛି। ଟ୍ରେନ ପରିଚାଳନାରେ ସୁରକ୍ଷା ବୃଦ୍ଧି ପାଇଁ ଟ୍ରାକ ରକ୍ଷଣାବେକ୍ଷଣ ଏବଂ ସିଗନାଲିଂ ସିଷ୍ଟମ ସମେତ ବିଭିନ୍ନ ସୁରକ୍ଷା ପଦକ୍ଷେପ ନିଆଯାଉଛି। ମାନବ ଜନିତ ବିଫଳତା ହେତୁ ଦୁର୍ଘଟଣା ହ୍ରାସ କରିବା ପାଇଁ ଫେବୃଆରୀ ୨୮ ପର୍ଯ୍ୟନ୍ତ ୬,୬୬୫ ଷ୍ଟେସନରେ ପଏଣ୍ଟ ଏବଂ ସିଗନାଲଗୁଡ଼ିକର କେନ୍ଦ୍ରୀକୃତ ପରିଚାଳନା ସହିତ ବୈଦ୍ୟୁତିକ/ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ ଯୋଗାଇ ଦିଆଯାଇଛି। ଏଲସି ଗେଟ୍‌ଗୁଡ଼ିକରେ ସୁରକ୍ଷା ବୃଦ୍ଧି ପାଇଁ ୧୦,୧୫୩ ଟି ଲେଭଲ୍ କ୍ରସିଂ ଗେଟ୍‌ରେ ଲେଭଲ୍ କ୍ରସିଂ (ଏଲସି) ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ କରାଯାଇଛି। ସ୍ୱଦେଶୀ ଭାବରେ ବିକଶିତ ସ୍ୱୟଂଚାଳିତ ଟ୍ରେନ୍ ସୁରକ୍ଷା (ଏଟିପି) ପ୍ରଣାଳୀ କାର୍ଯ୍ୟକାରୀ କରିବାକୁ ଯାଉଛି। ଦକ୍ଷିଣ କେନ୍ଦ୍ରୀୟ ରେଳବାଇରେ ୧,୪୬୫ ଆରକେଏମରେ କବଚ ସଂସ୍କରଣ ୩.୨ର ନିୟୋଜନ ଏବଂ ଅଭିଜ୍ଞତା ଆଧାରରେ, ଆହୁରି ଉନ୍ନତି କରାଯାଇଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୯।୩(ସମିସ):** ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ 'ଏମ୍ପାୱର ହର ଆଣ୍ଡ ପାୱର ହିମ୍' ଥିମ୍ ଅନ୍ତର୍ଗତ ସମାଜ କଲ୍ୟାଣ ପାଇଁ ଦୁଇଟି ଅର୍ଥପୂର୍ଣ୍ଣ ସାମାଜିକ ଦାୟିତ୍ୱବୋଧତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ବୃଦ୍ଧ ଏବଂ ଅବହେଳିତ ଶିଶୁମାନଙ୍କୁ ସହାୟତାର ହାତ ବଢା ଯାଇଛି। ଏହି ଅବସରରେ ତେଲେଙ୍ଗାପେଣ୍ଠସ୍ଥିତ "ସଖା ଓଲ୍ଡ ଏଜ୍ ହୋମ୍ ରେ ଥିବା ଅନ୍ତେବାସୀଙ୍କର ଆରାମଦାୟକ ଜୀବନ ପାଇଁ ପାଞ୍ଚଟି ବେଡ୍ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ, ମୁଖ୍ୟ ପ୍ରବନ୍ଧକ ଚିନ୍ମୟ ବେହେରା ଏବଂ ତସନୁମ୍ ନାଜ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଖା ଓଲ୍ଡ ଏଜ୍ ହୋମ୍‌ର ସେକ୍ରେଟାରୀ କବିତା ମହାପାତ୍ର ଉପସ୍ଥିତ ଥିଲେ। ଏଥିରେ ସାଇସ୍କୁଲ ବସୁନ୍ଧରାର ସେକ୍ରେଟାରୀ ଡଃ. ସ୍ନିଗ୍ଧା ବିଶ୍ୱାଳ, କୋଅର୍ଡିନେଟର ବିଧୁ ଭୂଷଣ ମହାନ୍ତି ଏବଂ ଅନୁଷ୍ଠାନର ସୁପରିଟେଣ୍ଡେଣ୍ଟ ହରପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ତୁଳନାରେ ପାକିସ୍ତାନ ଅଧିକ ଖୁସି

**ଓ୍ୱାର୍ଲ୍ଡ ହାପିନେସ ରିପୋର୍ଟ**

**ନୂଆଦିଲ୍ଲୀ, ୧୯।୩(ଏଜେନ୍ସି):** ଜାତିସଙ୍ଘ ତରଫରୁ 'ୱାର୍ଲ୍ଡ ହାପିନେସ ରିପୋର୍ଟ ୨୦୨୬' ଜାରି କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ଫିନଲ୍ୟାଣ୍ଡ କ୍ରମାଗତ ନବମଥର ପାଇଁ ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ନିଜର ସ୍ଥାନ ବଜାୟ ରଖିଛି। ବିଶ୍ୱର ୧୪୭ଟି ଦେଶକୁ ନେଇ ପ୍ରକାଶିତ ହୋଇଥିବା ଏହି ତାଲିକାରେ ଭାରତ ୧୧୬ତମ ସ୍ଥାନରେ ରହିଛି। ଗତ ବର୍ଷ ୨୦୨୫ରେ ଭାରତ ୧୧୮ ତମ ସ୍ଥାନରେ ଥିଲା। ତେଣୁ ଏଥିରେ ସାମାନ୍ୟ ସୁଧାର ଆସିଛି। ଭାରତ ତୁଳନାରେ ପାକିସ୍ତାନ ଭଲ ସ୍ଥିତିରେ ରହିଛି। ପାକିସ୍ତାନ ୧୦୪ତମ ସ୍ଥାନରେ ରହିଛି। ପ୍ରାୟ ଅଢ଼େଇ ବର୍ଷ ଧରି ଯୁଦ୍ଧରେ ଛନ୍ଦି ହୋଇଥିଲେ ମଧ୍ୟ ଇସ୍ରାଏଲ ସବୁଠାରୁ ୮ମ ଖୁସିର ଦେଶ ଭାବେ ପରିଗଣିତ ହେଉଛି। ଏହି ତାଲିକାରେ ଆଫଗାନିସ୍ତାନ ସବୁଠାର ନିମ୍ନରେ ରହିଛି। ଅର୍ଥାତ ଆଫଗାନ ମାନେ ବିଶ୍ୱରେ ସବୁଠାରୁ ଦୁଃଖୀ। ଆଫଗାନିସ୍ତାନ ଉପରକୁ ରହିଛି ସିଏରା ଲିଓନ ଓ ମାଲାଣ୍ଡି। ଖୁସି ତାଲିକାର ଦ୍ୱିତୀୟ ସ୍ଥାନରେ ଆଇସଲ୍ୟାଣ୍ଡ, ତୃତୀୟରେ ଡେନମାର୍କ, ଚତୁର୍ଥରେ କୋଷ୍ଟାରିକା, ୫ମରେ ସ୍ୱିଡେନ, ଷଷ୍ଠରେ ନରୱେ, ୭ମରେ ନେଦରଲାଣ୍ଡସ, ୮ମରେ ଇସ୍ରାଏଲ, ୯ମରେ ଲକ୍ସମବର୍ଗ ଓ ୧୦ମ ସ୍ଥାନରେ ସ୍ୱିଜରଲାଣ୍ଡ ରହିଛି।

## ସିଆଇଆଇ ଓଏମସିଇ ୨୦୨୬ ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୩(ସମିସ):** ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଓଡିଶା ମାଇନିଂ ଆଣ୍ଡ କନ୍‌ଷ୍ଟ୍ରକ୍‌ଶନ ଇକ୍ୱିପମେଣ୍ଟ ଏକ୍ସପୋ (ଓଏମସିଇ) ୨୦୨୬ର ପ୍ରଥମ ସଂସ୍କରଣର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଶିଳ୍ପ ବିକାଶ ଓ ନିବେଶ ପାଇଁ ଏକ ସମାବେଶୀ ଇକୋସିଷ୍ଟମ ଗଠନ କରିବା କ୍ଷେତ୍ରରେ ଓଡିଶା ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଛନ୍ତି। ସେ ଏକ କେନ୍ଦ୍ରିତ ବି୨ବି ପ୍ଲାଟଫର୍ମର ଆୟୋଜନ କରିବା ପାଇଁ ସିଆଇଆଇ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ସିଆଇଆଇ ଟ୍ରେଡ ଫେୟାର କାଉନସିଲ ଅଧ୍ୟକ୍ଷ ବି ଥିଆଗରଜନ ଏବଂ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଅଧ୍ୟକ୍ଷ ଅନିଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତିନିଦିନିଆ ଏକ୍ସପୋ ଉଦ୍ଭାବନଗୁଡିକୁ ପ୍ରଦର୍ଶିତ କରିବା, ସହଭାଗିତା ବିକଶିତ କରିବା ଓ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଶିଳ୍ପର ପ୍ରମୁଖ ହିତାଧିକାରୀମାନଙ୍କୁ ଏକତ୍ରିତ କରିଛି।

# ଦରମା ନୁହେଁ, କ୍ୟାରିଅରରେ ବିକାଶ ଦେଖୁଛନ୍ତି ଜେନ୍ ଜେଡ୍

## ୬୦%ରୁ ଅଧିକ ଯୁବକ ଦକ୍ଷତା ବିକାଶକୁ ପ୍ରାଥମିକତା

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ଆଜିର ଜେନ୍ ଜେଡ୍ ଚାକିରିକୁ କେବଳ ରୋଜଗାରର ଏକ ମାଧ୍ୟମ ଭାବରେ ବିଚାର କରନ୍ତି ନାହିଁ, ବରଂ ଶିଖିବା ଏବଂ ଆଗକୁ ବଢ଼ିବାର ଏକ ସୁଯୋଗ ଭାବରେ ବିବେଚନା କରନ୍ତି। ପୂର୍ବରୁ ଲୋକମାନେ ଉଚ୍ଚ ଦରମା ଦ୍ୱାରା ପରିଚାଳିତ ହେଉଥିଲେ। ହେଲେ ବର୍ତ୍ତମାନର ଯୁବପିଢ଼ି ଚିନ୍ତା କରୁଛନ୍ତି ଯେ ସେମାନେ ଚାକିରିରେ କେତେ ଶିଖିବେ ଏବଂ ସେମାନଙ୍କର କ୍ୟାରିୟର କେତେ ଶୀଘ୍ର ଆଗକୁ ବଢ଼ିପାରିବ। ଅନ୍‌ଷ୍ଟପ୍ ଟ୍ୟାଲେଣ୍ଟ ୨୦୨୬ ରିପୋର୍ଟ ଅନୁଯାୟୀ, ଅଧିକାଂଶ ଜେନ୍ ଜେଡ୍ ବୃତ୍ତିଗତ କମ୍ ଦରମାରେ କାମ କରିବାକୁ ଇଚ୍ଛୁକ ଯଦି ଏହା ଏକ ଭଲ ଶିକ୍ଷଣ ପରିବେଶ, ଅଭିବୃଦ୍ଧି ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନ ପ୍ରଦାନ କରୁଥାଏ। ଏହି କାରଣରୁ, ଚାକିରି ବାଛିବା ସମୟରେ, ୬୦%ରୁ ଅଧିକ ଯୁବପିଢ଼ି ଦକ୍ଷତା ବିକାଶକୁ ପ୍ରାଥମିକତା ଦେଇଥାନ୍ତି, ଯେତେବେଳେ କି ଦରମା ପ୍ରସଙ୍ଗ ବହୁତ ପଛରେ ପଡ଼ିଯାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

ଏଥିରେ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ଏହି ପରିବର୍ତ୍ତନକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିନାହାଁନ୍ତି। କେବଳ ଏକ ତୃତୀୟାଂଶ କିମ୍ବା ୩୬% ମାନବ ସମ୍ବଳ ନେତୃବୃନ୍ଦ ଜେନ୍ ଜେଡ୍‌କୁ ସଠିକ୍ ଭାବରେ ନିଯୁକ୍ତି ଏବଂ ପରିଚାଳନା କରିବାକୁ ପ୍ରସ୍ତୁତ ଥିବା ମନେକରନ୍ତି। ଏହା ସ୍ପଷ୍ଟ ଭାବରେ କମ୍ପାନୀ ଏବଂ ନୂତନ ପିଢ଼ି ମଧ୍ୟରେ ବଢୁଥିବା ମାନସିକତା ପାର୍ଥକ୍ୟକୁ ସୂଚିତ କରେ। ଏହି କାରଣରୁ ଅନେକ ଯୁବବର୍ଗ ଶୀଘ୍ର ଚାକିରି ଛାଡି ଦିଅନ୍ତି। ପରିସଂଖ୍ୟାନ ଦର୍ଶାଏ ଯେ ପ୍ରାରମ୍ଭିକ କ୍ୟାରିୟରର ଅଧାରୁ ଅଧିକ କର୍ମଚାରୀ ଅଭିବୃଦ୍ଧି ସୁଯୋଗ ଅଭାବରୁ ଚାକିରି ଛାଡି ଦିଅନ୍ତି। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କେବଳ ଭଲ ଦରମା ପ୍ରଦାନ କରି ପ୍ରତିଭାକୁ ବଜାୟ ରଖାଯାଇପାରିବନାହିଁ।

**ଚାକିରି ନୁହେଁ; କ୍ୟାରିଅର ପ୍ଲାଟଫର୍ମ ସନ୍ଧାନରେ**

**ଅନ୍‌ଷ୍ଟପ୍ ଟ୍ୟାଲେଣ୍ଟ ୨୦୨୬ ରିପୋର୍ଟ**

ଜେନେ ଜେଡ୍ କେବଳ ଶିଖିବାକୁ ଚାହାଁନ୍ତିନାହିଁ, ବରଂ ସ୍ପଷ୍ଟ ଏବଂ ସ୍ୱଚ୍ଛ ବ୍ୟବସ୍ଥା ମଧ୍ୟ ଆବଶ୍ୟକ କରନ୍ତି। ଯଦି କମ୍ପାନୀଗୁଡ଼ିକ ଦରମା କିମ୍ବା କ୍ୟାରିଅର ବୃଦ୍ଧି ବିଷୟରେ ସ୍ପଷ୍ଟ ସୂଚନା ପ୍ରଦାନ କରନ୍ତି ନାହିଁ, ତେବେ ଏଥିରୁ ଅନେକ ନିଯୁକ୍ତି ପ୍ରକ୍ରିୟାକୁ ମଝିରେ ଛାଡ଼ି ଦିଅନ୍ତି। ଆଜିର ଯୁବପିଢ଼ି ଜାଣିବାକୁ ଚାହାଁନ୍ତି ଯେ ସେମାନେ କମ୍ପାନୀ ମଧ୍ୟରେ କିପରି ଆଗକୁ ବଢ଼ିବେ, ସେମାନେ କେବେ ପଦୋନ୍ନତି ପାଇବେ ଏବଂ ସେମାନଙ୍କର କଠିନ ପରିଶ୍ରମ କ'ଣ ଲାଭ ଆଣିବ। ଯଦି ଏହା ସ୍ପଷ୍ଟ ନୁହେଁ, ତେବେ ସେମାନଙ୍କର ବିଶ୍ୱାସ ଶୀଘ୍ର ଭାଙ୍ଗିଯାଏ।

ଇଣ୍ଟର୍ନସିପ୍ ଆଉ କେବଳ ଏକ ଔପଚାରିକତା ନୁହେଁ, ବରଂ କ୍ୟାରିଅର ଆଡ଼କୁ ପ୍ରଥମ ପଦକ୍ଷେପ ପାଲଟିଛି। ଅଧିକାଂଶ କମ୍ପାନୀ ଇଣ୍ଟର୍ନସିପ୍ ପ୍ରଦାନ କରନ୍ତି, କିନ୍ତୁ ବହୁତ କମ୍ ଲୋକ ସେଗୁଡ଼ିକୁ ପୂର୍ଣ୍ଣକାଳୀନ ଚାକିରିରେ ପରିଣତ କରିପାରିବେ। ଅନ୍ୟପକ୍ଷରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଇଣ୍ଟର୍ନସିପ୍ ସମୟରେ ପ୍ରକୃତ କାମ, ମାର୍ଗଦର୍ଶନ ଏବଂ ଭବିଷ୍ୟତର ନିଯୁକ୍ତି ପାଇଁ ଏକ ସ୍ପଷ୍ଟ ପଥ ଚାହାଁନ୍ତି। ଯଦି ଏହା ଘଟେ ନାହିଁ, ତେବେ ଇଣ୍ଟର୍ନସିପ୍‌ର ଆକର୍ଷଣ ହ୍ରାସ ପାଏ।

ପୂର୍ବରୁ, ଛାତ୍ରମାନେ କେବଳ କଲେଜ ପ୍ଲେସମେଣ୍ଟ ଉପରେ ନିର୍ଭର କରୁଥିଲେ, କିନ୍ତୁ ବର୍ତ୍ତମାନ ଚିତ୍ର ବଦଳି ଯାଇଛି। ପ୍ରାୟ ସମସ୍ତ ଛାତ୍ର ଭଲ ଚାକିରି ଖୋଜିବା ପାଇଁ କ୍ୟାମ୍ପସ୍ ବାହାରେ ମଧ୍ୟ ସୁଯୋଗ ଖୋଜୁଛନ୍ତି।

ତେଣୁ ରିପୋର୍ଟରୁ ଏହା ସ୍ପଷ୍ଟ ଯେ, ଜେନ୍ ଜେଡ୍ କେବଳ ଏକ ଚାକିରି ଚାହାଁନ୍ତି ନାହିଁ ବରଂ ଏକ ପ୍ଲାଟଫର୍ମ ଚାହାଁନ୍ତି ଯେଉଁଠାରେ ସେମାନେ ଶିଖିପାରିବେ, ବ୍ୟକ୍ତିତ୍ୱର ବିକାଶ ସହ କ୍ୟାରିଅରକୁ ମଜବୁତ କରିପାରିବେ। ଯଦି କମ୍ପାନୀଗୁଡ଼ିକ ଏହି ପରିବର୍ତ୍ତନକୁ ବୁଝିପାରିବେନାହିଁ, ତେବେ ଦୀର୍ଘକାଳୀନ ଭାବରେ ଭଲ ପ୍ରତିଭାକୁ ଆକର୍ଷିତ କରିବା ଏବଂ ରଖିବା ସେମାନଙ୍କ ପାଇଁ କଷ୍ଟକର ହେବ। କମ୍ପାନୀଗୁଡ଼ିକ ପାଇଁ କେବଳ ଦରମା ଉପରେ ନୁହେଁ, ବରଂ ଶିକ୍ଷା, ସ୍ୱଚ୍ଛତା ଏବଂ ଅଭିବୃଦ୍ଧି ଉପରେ ମଧ୍ୟ ଧ୍ୟାନ ଦେବାର ସମୟ ଆସିଛି, କାରଣ ଆଜିର ପିଢ଼ି ପାଇଁ ଏହା ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ।

